# ପ୍ରମେୟ
# ତାରିଖ:୧୧.୦୩.୨୦୨୩

## ବି.ଆଇ.ଆଇ.ଟି.ଏମ୍‌ରେ ଗ୍ରାଜୁଏଟ୍ ମିଟ୍, ଭାଇବ୍ରାନ୍ସ ୨୦୨୩

ଭୁବନେଶ୍ୱର,୧୦।୩(ବ୍ୟୁରୋ): ବିଜୁ ପଟ୍ଟନାୟକ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଇନଫରମେସନ ଟେକ୍‌ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ ଷ୍ଟଡିଜ୍ ପକ୍ଷରୁ ଗ୍ରାଜୁଏଟ୍ ମିଟ୍ ଏବଂ ଭାଇବ୍ରାନ୍ସ ୨୦୨୩ ଅନୁଷ୍ଠିତ ହୋଇଛି । ଏହି ଅଧିବେଶନରେ ମୁଖ୍ୟଅତିଥି ଭାବେ ବି.ପି.ୟୁ.ଟି ର କୁଳପତି ଡ. ବଂଶୀଧର ମାଝି ଯୋଗଦେଇଥିଲେ । ଅନୁଷ୍ଠାନର ଅଧକ୍ଷ ପ୍ରଫେସର ଡ. ମିହିରରଞ୍ଜନ ନାୟକ ସ୍ୱାଗତ ଭାଷଣ ଦେଇଥିଲେ । ପ୍ରଫେସର ଡ. ଅଶୋକ କୁମାର ରଥ, ଡିନ୍ (ଏକାଡେମିକ୍), ଆସୋସିଏଟେ ପ୍ରଫେସର କେ. ଚନ୍ଦ୍ରଶେଖର, (ଜି.ଏମ୍ ହେଡ୍ ପି. ଆଣ୍ଡ ଟି.) ଏବଂ ଉପଦେଷ୍ଟା ପ୍ରଫେସର ଇଂ. ପି. ଆର. ପଟନାୟକ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ । ସମଗ୍ର ରାଜ୍ୟରୁ ବିଭିନ୍ନ ସ୍ନାତକ କଲେଜରୁ ଛାତ୍ରଛାତ୍ରୀଗଣ ଅଂଶଗ୍ରହଣ କରିଥିଲେ । ପ୍ରଥମ ଦିନର ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପ୍ରଫେସର ସରନ୍‌ଜିତି ସିଂ, ଉପ-କୁଳପତି, କିଟ୍ ବିଶ୍ୱବିଦ୍ୟାଳୟ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ ।

ବି.ଆଇ.ଆଇ.ଟି.ଏମର ଦ୍ୱିତୀୟ ଦିନ ଅନ୍ୟତମ କାର୍ଯ୍ୟକ୍ରମ ଭାଇବ୍ରାନ୍ସ ୨୦୨୩ରେ ମୁଖ୍ୟ ଅତିଥି ଭାବେ ଫେଡେରାଲ ବ୍ୟାଙ୍କର ଡେପୁଟି ଭାଇସ୍ ପ୍ରେସିଡେଣ୍ଟ ଏବଂ ରିଜିଓନାଲ ହେଡ୍(ଓଡ଼ିଶା) ମନୋଜ କୁମାର ମହାପାତ୍ର, ଏବଂ ଗ୍ରୁପ ହେଡ ଏଚ. ଆର ରୁଚି ଫୁଡ ଲାଇନ୍ ଅମ୍ରିଶ ପଟ୍ଟନାୟକ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ । ଏଥିରେ ୨୦ରୁ ଉର୍ଦ୍ଧ୍ୱ କଲେଜର ଛାତ୍ରଛାତ୍ରୀମାନେ ମଧ୍ୟ ଯୋଗ ଦଇଥିଲେ । ସମସ୍ତ ବିଜେତା ଏବଂ ଅଂଶଗ୍ରହଣକାରୀଙ୍କୁ ପୁରସ୍କାର ରାଶି ସହିତ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।

